# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**21 July– 2026**

# ଡେଙ୍ଗୁ ଟୀକା

କେନ୍ଦ୍ର ସରକାର ଭାରତର ପ୍ରଥମ ଡେଙ୍ଗୁ ଟୀକା **Q-Denga**କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଟାକେଡା ବାୟୋଫାର୍ମାସ୍ୟୁଟିକାଲ୍ସ ବିକଶିତ ଏହି ଟୀକାକୁ ଭାରତର ଔଷଧ ମହାନିୟନ୍ତ୍ରକ ବିପଣନ ଅଧିକାର ପ୍ରଦାନ କରିଛନ୍ତି । ୪ବର୍ଷରୁ ୬୦ବର୍ଷ ବୟସର ଲୋକମାନଙ୍କୁ ଏହି ଟୀକା ଦିଆଯାଇପାରିବ । ଏହି ଟୀକାଟି ପୂର୍ବରୁ ୪୦ଟି ଦେଶରେ ଅନୁମୋଦନ ଲାଭ କରିଛି । ମଶା କାମୁଡ଼ାଦ୍ୱାରା ବ୍ୟାପୁଥିବା ଡେଙ୍ଗୁ ରୋଗରେ ପ୍ରତିବର୍ଷ ଲକ୍ଷଲକ୍ଷ ଲୋକ ଆକ୍ରାନ୍ତ ହୋଇଥାନ୍ତି ।

# ରଥ–ଦକ୍ଷିଣ ମୋଡ଼

ପୁରୀରେ ଆଜି ତିନି ରଥର ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖରେ ରଖାଯିବ । ଶ୍ରୀଗୁଣ୍ଡିଚା ମନ୍ଦିରରେ ସକାଳ ଧୂପନୀତି ଶେଷ ହେବା ପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ’ ମା’ ଲକ୍ଷ୍ମୀଙ୍କ ଅଭିମାନକୁ ଦୃଷ୍ଟିରେ ରଖି ତିନିରଥର ଦକ୍ଷିଣ ମୋଡ଼ ପାଇଁ ଆଜ୍ଞାମାଳ ପ୍ରଦାନ କରିବେ । ପୂଜାପଣ୍ଡା ସେବକ ମାନେ ଆଜ୍ଞାମାଳ ବିଜେ କରିବା ପରେ ପ୍ରଥମେ ମା’ ସୁଭଦ୍ରାଙ୍କ ଦର୍ପଦଳନ, ପରେ ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଶେଷରେ

ନନ୍ଦିଘୋଷ ରଥକ ଦକ୍ଷିଣମୋଡ଼ କରାଯିବ । ଗତକାଲି ବିଳମ୍ବିତ ରାତିରେ ହେରାପଞ୍ଚମୀ ନୀତି ଅନୁଷ୍ଠିତ ହୋଇଯାଇଛି ।

## ତୁଳସୀକ୍ଷେତ୍ର-ହେରାପଞ୍ଚମୀ

ତୁଳସୀକ୍ଷେତ୍ର କେନ୍ଦ୍ରାପଡାରେ ବିଳମ୍ବିତ ରାତିରେ ମା' ଲକ୍ଷ୍ମୀଙ୍କ ହେରାପଞ୍ଚମୀ ନୀତି ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ମା ଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିର ନିକଟକୁ ବିଜେ କରି ସ୍ୱତନ୍ତ୍ର ପୂଜା ଓ ଭୋଗନୈବେଦ୍ୟ ଗ୍ରହଣ କରିଥିଲେ। ପାରମ୍ପରିକ ରୀତିନୀତି ପାଳନ ପରେ ସେ ମୁଖ୍ୟ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

## ଦ୍ୱିତୀୟ ଶ୍ରୀକ୍ଷେତ୍ର-ହେରାପଞ୍ଚମୀ

ନୟାଗଡ଼ ଜିଲ୍ଲା ରଣପୁରସ୍ଥିତ ଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ ନୀତି ପାଳିତ ହୋଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ସନ୍ଧ୍ୟା ଆଳତି ପରେ ମହାଲକ୍ଷ୍ମୀଙ୍କ ମାଜଣା ନୀତି ଅନୁଷ୍ଠିତ ହୋଇଥିଲା। ପରେ ମହାଲକ୍ଷ୍ମୀ ସୁସଜ୍ଜିତ ଦୋଳ ବିମାନରେ ଶୋଭାଯାତ୍ରା କରି ଗୁଣ୍ଡିଚା ମନ୍ଦିର ନିକଟସ୍ଥ ନନ୍ଦିଘୋଷ ରଥ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପାରମ୍ପରିକ ନୀତି ସମ୍ପନ୍ନ ହେବା ପରେ ସେ ନିଜ ମନ୍ଦିରକୁ ବାହୁଡ଼ି ଆସିଥିଲେ ।

# ମୁଖ୍ୟମନ୍ତ୍ରୀ-୧୦ଲକ୍ଷ ସହାୟତା

ପୁରୀ ରଥଯାତ୍ରା ସମୟରେ ଅସୁସ୍ଥତା ହେତୁ ଚିକିତ୍ସାଧୀନ ଅବସ୍ଥାରେ ୨ଜଣ ବ୍ୟକ୍ତିଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୧୦ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି ।

# ସମ୍ମିଳନୀ

ପ୍ରତ୍ୟେକ ନାଗରିକ ବିଶେଷକରି ସମାଜର ଦୁର୍ବଳ ବର୍ଗର ଲୋକଙ୍କ ଆତ୍ମବିଶ୍ୱାସ, ସମ୍ମାନ ଓ ସମାନ ସୁଯୋଗ ସହ ଅଗ୍ରଗତି ମାଧ୍ୟମରେ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱର ଲୋକ ଭବନରେ 'ଓଡ଼ିଶାର ଅନୁନ୍ନତ ଜନଜାତି ଗୋଷ୍ଠୀ-ଆଗକୁ ରାସ୍ତା' ଶୀର୍ଷକ ଏକଦିବସୀୟ ସମ୍ମିଳନୀରେ ଯୋଗଦେଇ ରାଜ୍ୟପାଳ ପିଭିଟିଜି ସମୁଦାୟର ଅନ୍ତର୍ଭୁକ୍ତିମୂଳକ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ସୁବିଧା ବିସ୍ତାର ସହ ସେମାନଙ୍କ ସାଂସ୍କୃତିକ ପରିଚୟ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ପିଭିଟିଜିଙ୍କ ସାମାଜିକ, ସାଂସ୍କୃତିକ, ପୁଷ୍ଟି ଓ ସ୍ୱାସ୍ଥ୍ୟ ସ୍ଥିତି ସମ୍ପର୍କିତ ଏକ ରିପୋର୍ଟ ଉନ୍ମୋଚିତ ହୋଇଛି।

# ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ରାଜ୍ୟର ଜିଲ୍ଲା, ଉପଖଣ୍ଡ, ତହସିଲ, ବ୍ଲକ୍ ଓ ସହରାଞ୍ଚଳମାନଙ୍କର ସଂଶୋଧିତ ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭାଗୀୟ  ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ସଂଶୋଧିତ ବନାନକୁ ସମସ୍ତ ସରକାରୀ ଦସ୍ତାବିଜ, ପତ୍ରାଳାପ, ୱେବସାଇଟ୍, ପୋର୍ଟାଲ୍ ଓ ନାମଫଳକରେ ବ୍ୟବହାର କରିବାକୁ କୁହାଯାଇଛି। ବେସରକାରୀ ସଂସ୍ଥାମାନଙ୍କୁ ନାମଫଳକ ପରିବର୍ତ୍ତନ ପାଇଁ ଛଅ ମାସ ସମୟ ଦିଆଯାଇଛି।

# ପଞ୍ଚାୟତର ବିକାଶ

ବିକଶିତ ଗ୍ରାମପଞ୍ଚାୟତ ଯୋଜନାରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ୩୦ଟି ପଞ୍ଚାୟତର ବିକାଶ କରାଯିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିଲାଗି ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି । ପଞ୍ଚାୟତିରାଜ ବିଭାଗ ଅଧୀନରେ ସଂପୃକ୍ତ ପଞ୍ଚାୟତ ଗୁଡ଼ିକରେ ଜଳସମ୍ପଦ ପରିଚାଳନା, ଭିତ୍ତିଭୂମି ବିକାଶ, ଜଳ ସଂରକ୍ଷଣ ଓ ବିପର୍ଯ୍ୟୟ ମୁକାବିଲା ପରିଚାଳନା ଭଳି ପ୍ରକଳ୍ପ କାର୍ଯ୍ୟ କରାଯିବ ।  ଆସନ୍ତା ମାସ ୧୫ ତାରିଖ ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ।

# ତ୍ରୈମାସିକ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କିଶୋର କିଶୋରୀଙ୍କ ସଶକ୍ତୀକରଣ, ବାଲ୍ୟ ବିବାହ ନିରାକରଣ, ଶିଶୁଶ୍ରମ ଉଚ୍ଛେଦ ଏବଂ ଚାଇଲ୍ଡଲାଇନ୍ ଆଡଭାଇଜରୀ ବୋର୍ଡ ସମ୍ପର୍କିତ ତ୍ରୈମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ବୈଠକରେ ଜିଲ୍ଲା କାର୍ଯ୍ୟଯୋଜନାର ଅଗ୍ରଗତି, ବାଲ୍ୟ ବିବାହ ମୁକ୍ତ ଗ୍ରାମ ଓ ୱାର୍ଡ ଗଠନ, ଶିଶୁ କଲ୍ୟାଣ କମିଟିର ଭୂମିକା ଏବଂ ସଚେତନତା କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା ।

# ଚାରାରୋପଣ

ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଖଇରପୁଟ ବ୍ଲକର ସିସାପୁଟ ଗ୍ରାମରେ ସିଲଭର ଓକ୍ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଜନଜାତି ଚାଷୀଙ୍କ ଜୀବିକା ବିକାଶ ଓ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ପ୍ରାୟ ୧୮୦ ହେକ୍ଟର ଜମିରେ ଏହି ଚାରାରୋପଣ କରାଯିବ ।

# ପାଣିପାଗ

ବଙ୍ଗୋପ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ

ଆସନ୍ତା ୨୪ଘଣ୍ଟା ମଧ୍ୟରେ ୧୪ଟି ଜିଲ୍ଲାରେ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି ।

ଅପରପକ୍ଷରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସକାଳ ୬ଟା ସୁଦ୍ଧା ୬୧୩ ଦଶମିକ ୨/୯ ଘନଫୁଟ ରହିଛି । ଜଳଭଣ୍ଡାରର ୪ଟି ଗେଟ୍‌ଦେଇ ଜଳ ନିଷ୍କାସିତ ହେଉଛି ।